# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22nd October – 2025

**********************************

## ମୁଖ୍ୟ ସମ୍ବାଦ

- ନୂଆପଡ଼ା ବିଧାନସଭା ଉପନିର୍ବାଚନପାଇଁ ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ।

- ମନ୍ କୀ ବାତ୍‌ର ୧୨୭ତମ ସଂସ୍କରଣରେ ଆସନ୍ତା ରବିବାର ଦିନ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ କରାଯାଉଛି ଗିରିଗୋବର୍ଦ୍ଧନ ପୂଜା ।

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଆଜି ଅବପାତରେ ପରିଣତ ହେବାର ସମ୍ଭାବନା ।

— ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ନିମନ୍ତେ କୃଷି ବିଭାଗର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ।

*Desk*

# ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆଜି ପ୍ରାର୍ଥୀପତ୍ର ଯାଞ୍ଚ ଶେଷ ହୋଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି । ୧୪ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବାବେଳେ ୫ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ନେଇ ଜିଲ୍ଲା ରିଟର୍ଣ୍ଣିଂ ଅଧିକାରୀ କହିଛନ୍ତି।

ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ, କଂଗ୍ରେସ ପକ୍ଷରୁ ଘାସିରାମ ମାଝୀ, ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଓ ଓଡ଼ିଶା ଜନତା ପାର୍ଟି ପକ୍ଷରୁ ଶୁକଧର ଦଣ୍ଡସେନାଙ୍କ ନାମାଙ୍କନପତ୍ର କାଏମ ରହିଛି। ବହୁଜନ ସମାଜପାର୍ଟିର ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା, କଳମ କୁମାର ଛତ୍ରୀୟା, ଭୁଜବଳ ଆଡବଙ୍ଗଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଆସନ୍ତା ଶୁକ୍ରବାର ଦିନ ନାମାଙ୍କନପତ୍ର ପ୍ରତ୍ୟାହାର ଶେଷ ତାରିଖ ରହିଛି। ନଭେମ୍ବର ୧୧ ତାରିଖରେ ମତଦାନ ଅନୁଷ୍ଠିତ ହେବ। ନଭେମ୍ବର ୧୪ ତାରିଖରେ ଭୋଟଗଣତି କରି ଫଳାଫଳ ପ୍ରକାଶ ପାଇବ। ବିଜେପି, ବିଜେଡି ଏବଂ କଂଗ୍ରେସ ପକ୍ଷରୁ ୪୦ ଜଣ ଲେଖାଏଁ ତାରକା ପ୍ରଚାରକ ତାଲିକା ଜାରି ହେବା ପରେ ନିର୍ବାଚନୀ ପ୍ରଚାର ଚାଲିଛି।

ନୂଆପଡ଼ା ଉପନିର୍ବାଚନରେ ସି-ଭିଜିଲ୍ ଆପ୍ ମାଧ୍ୟମରେ ଭୋଟର୍‌ମାନେ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ସମ୍ପର୍କିତ ଅଭିଯୋଗ ଦାଖଲ କରିପାରିବେ ।

***Desk***

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ଶୁକ୍ରବାର ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ

ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

***BBSR/R***

## ଶ୍ରମ ପ୍ରତିଷ୍ଠାନ - ତାଲିମ୍ କର୍ମଶାଳା

ରାଜ୍ୟରେ ଥିବା କାରଖାନାଗୁଡ଼ିକରେ ଉଭୟ ସୁରକ୍ଷିତ କାର୍ଯ୍ୟସ୍ଥଳୀ ଏବଂ ଶ୍ରମିକ ନିରାପତ୍ତା ସମ୍ପର୍କିତ ରାଜ୍ୟସ୍ତରୀୟ ତାଲିମ୍ କର୍ମଶାଳା ରାଜ୍ୟ ଶ୍ରମ ପ୍ରତିଷ୍ଠାନ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାରଖାନାଗୁଡ଼ିକରେ ସୁରକ୍ଷାକୁ ଅଗ୍ରାଧିକାର ସହ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନପାଇଁ ପାୱାର୍ ପ୍ଲାଣ୍ଟ୍ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ବିଭାଗର ଅତିରିକ୍ତ ସଚିବ ରାଜେଶ ଅଗ୍ରୱାଲ୍ କହିଛନ୍ତି । ପ୍ରତିଷ୍ଠାନ ପକ୍ଷରୁ ତାଲିମପ୍ରାପ୍ତ ୧୦୦ ଜଣ ଭିନ୍ନ ଭିନ୍ନ ବର୍ଗର କାରଖାନା ଅଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

***Boudh, Nayagarh/R***

## ଗିରିଗୋବର୍ଦ୍ଧନ ପୂଜା

ଦେଶବ୍ୟାପୀ ଆଜି ଗିରିଗୋବର୍ଦ୍ଧନ ପୂଜା ପାଳନ କରାଯାଉଛି। ଭଗବାନ୍ ଶ୍ରୀକୃଷ୍ଣ ଗୋପପୁରବାସୀଙ୍କୁ ପ୍ରବଳ ବର୍ଷାର ପ୍ରକୋପରୁ ରକ୍ଷା କରିବା ପାଇଁ ନିଜ ବାମହାତ କାଣୀ ଆଙ୍ଗୁଠିରେ ଗୋବର୍ଦ୍ଧନ ପର୍ବତକୁ ଉଠାଇ ଧରି

ସମସ୍ତଙ୍କୁ ଆଶ୍ରୟ ଦେଇଥିଲେ। ଏହାପରଠାରୁ ଗୋବର୍ଦ୍ଧନ ପୂଜାର ପୌରାଣିକ ମାନ୍ୟତା ରହିଛି। ଭାଦ୍ରବ ମାସ କୃଷ୍ଣ ତ୍ରୟୋଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ଗିରିଗୋବର୍ଦ୍ଧନ ବେଶ ଅନୁଷ୍ଠିତ ହୋଇଥାଏ। ଏହି ବେଶରେ ମହାପ୍ରଭୁ ଜଗନ୍ନାଥ ଗୋବର୍ଦ୍ଧନ ପାହାଡକୁ ଟେକି ଧରିଥିବାର ଦେଖିବାକୁ ମିଳେ। ପ୍ରଭୁ ଶ୍ରୀକୃଷ୍ଣ ହିଁ ପ୍ରଥମେ ଏହି ପୂଜା ଆରମ୍ଭ କରିଥିଲେ ବୋଲି କିମ୍ବଦନ୍ତୀ ରହିଛି ।

ବୌଦ୍ଧ ଜିଲ୍ଲାର କାଳେଶ୍ୱର, ନାରାୟଣପୁର, କଣ୍ଟାମାଳ, ଉଦେପୁର, ତେନ୍ତୁଳିଖୁଣ୍ଟି, ମୁଚେଲପଦର ସମେତ ଅନ୍ୟାନ୍ୟ ଗ୍ରାମରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହେଉଛି । ବହୁ ପୁରାତନ ସମୟରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରୀତିନୀତି ଅନୁଯାୟୀ ଗିରିଗୋବର୍ଦ୍ଧନ ପୂଜା ପାଳିତ ହୋଇଆସୁଛି । ମନ୍ଦିରରେ ଏକ ଅନ୍ନର ପାହାଡ଼ କରାଯାଇ ରାଧାକୃଷ୍ଣଙ୍କୁ ସେହି ଅନ୍ନ ପାହାଡ଼ ଉପରେ ବିରାଜମାନ କରାଯାଇଥାଏ । ପୂଜା ପରେ ମନ୍ଦିର ଚୂଡ଼ାକୁ ମହାଦୀପ ଓ ଧ୍ୱଜା ଉଠିବାର ପରମ୍ପରା ରହିଛି । ଏହି ପୂଜା ଦେଖିବାପାଇଁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି ।

ନୟାଗଡ଼ ଜିଲ୍ଲାର ଓଡ଼ଗାଁ, ଖଣ୍ଡପଡ଼ା, ଭାପୁର, ଦଶପଲ୍ଲା ବ୍ଲକ୍ ସମେତ ବିଭିନ୍ନ ସ୍ଥାନରେ ଏହି ପୂଜା ପାଳିତ ହୋଇଯାଇଛି ।

***Nayagarh, Kalahandi/R***

## ତମାଖୁମୁକ୍ତ ଅଭିଯାନ

ନୟାଗଡ଼ ଜିଲ୍ଲା ପରିଷଦ ସୃଜନ ସମ୍ମିଳନୀ କକ୍ଷରେ ଯୁବସମାଜ ପାଇଁ ତମାଖୁମୁକ୍ତ ଅଭିଯାନର ଶୁଭାରମ୍ଭ ହୋଇଛି । ଗ୍ରାମାଞ୍ଚଳରେ ଏହି ଅଭିଯାନ

ମାଧ୍ୟମରେ ଯୁବକମାନଙ୍କୁ ସଚେତନ କରାଯିବ । କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରମୁଖ ଯୋଗଦେଇ ତମାଖୁମୁକ୍ତ ସମାଜ ଗଠନରେ ସାମିଲ୍ ହେବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ ।

କଳାହାଣ୍ଡି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଯୁବସମାଜପାଇଁ ଜିଲ୍ଲାସ୍ତରୀୟ ତମାଖୁମୁକ୍ତ ଅଭିଯାନ-୩.୦ ଶୁଭାରମ୍ଭ ହୋଇଯାଇଛି । ଛାତ୍ରଛାତ୍ରୀ, ଯୁବପିଢ଼ିଙ୍କୁ ତମାଖୁ ସେବନରୁ ଦୂରେଇ ରଖିବା ସ୍ୱାସ୍ଥ୍ୟ, ଶିକ୍ଷା ଓ ଅବକାରୀ ବିଭାଗ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍‌ୱାନ୍ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ତମାଖୁମୁକ୍ତ ଅଭିଯାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ଅଭିଯାନ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡ଼ିଛି । ତମାଖୁ ଛାଡ଼ିବାପାଇଁ ଦେୟମୁକ୍ତ ନମ୍ବର ୧୮୦୦-୧୧-୨୩୫୬କୁ ଫୋନ୍ କରି ଯୋଗାଯୋଗ ରକ୍ଷା କରିବାକୁ ଅନୁରୋଧ କରାଯାଇଛି ।

***Nabarangpur/R***

## କଳୀପୂଜା

ନବରଙ୍ଗପୁର ଜିଲ୍ଲାର ଉମରକୋଟ୍ ବ୍ଲକ୍ ଅନ୍ତର୍ଗତ ଯୁଭି-୫୨ ଗ୍ରାମରେ ଥିବା କାଳୀବାଡ଼ିରେ ମା' ମହାକାଳୀଙ୍କ ପୂଜା ଧୁମ୍‌ଧାମ୍‌ରେ ଅନୁଷ୍ଠିତ

ହେଉଛି । ସେହି ପୂଜା ଦୀର୍ଘ ୯ ଦିନ ଧରି ଚାଲିବ ବୋଲି ଜଣାପଡ଼ିଛି । ପୂଜା ଉପଲକ୍ଷେ ଦର୍ଶନାର୍ଥୀଙ୍କୁ ଆକୃଷ୍ଟ କରିବାପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମୀନାବଜାରର ଆୟୋଜନ କରାଯାଇଛି । ଏହି ପୂଜା ଦେଖିବାପାଇଁ ନବରଙ୍ଗପୁର ଜିଲ୍ଲା ସମେତ ପଡ଼ୋଶୀ ଛତିଶଗଡ଼ର ବହୁ ଶ୍ରଦ୍ଧାଳୁ ଆସୁଥିବାର ଦେଖିବାକୁ ମିଳିଛି । ଏହି ପୂଜା ବଙ୍ଗୀୟ ରୀତିନୀତି ଅନୁସାରେ ଅନୁଷ୍ଠିତ ହେଉଛି ବୋଲି ପୂଜାକମିଟି ପକ୍ଷରୁ କୁହାଯାଇଛି ।

***Boudh/R***

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଶିବିରରେ ଭିନ୍ନକ୍ଷମ ପ୍ରମାଣପତ୍ର ହାସଲକାରୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଶିବିରରେ ୪୧୪ ଜଣ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

*Nabarangpur/R*

# ପୌରପାଳିକା ସମୀକ୍ଷା ବୈଠକ

ନବରଙ୍ଗପୁର ଜିଲ୍ଲାରେ ପୌରପାଳିକା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଗୌରଶଙ୍କର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱଚ୍ଛତା ଅଭିଯାନକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜନଭାଗିଦାରିତା ଓ ସହଯୋଗ ମାଧ୍ୟମରେ ସହରର ସ୍ୱଚ୍ଛତା ବଜାୟ ରଖିବାପାଇଁ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ । ଏହି ଅବସରରେ ପୌରପାଳିକାର ସମ୍ମିଳନୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ।

*Nayagarh/R*

# ଶିଶୁ ମହୋତ୍ସବ 'ସୁରଭି'

ନୟାଗଡ଼ ଜିଲ୍ଲା ଦଶପଲ୍ଲା ରାଧାମୋହନଜିଉ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୫' ଅନୁଷ୍ଠିତ ହୋଇଯାଇଛି । ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବ୍ଲକ୍‌ର ୧୩ଟି କ୍ଲଷ୍ଟରରୁ ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ

କରାଯାଇଥିଲା । ପରିଶେଷରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

***Nayagarh/R***

## ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ

ନୟାଗଡ଼ଠାରେ ଜିଲ୍ଲାସ୍ତରୀୟ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପୂର୍ବତନ ସାଂସଦ ତଥା ନୟାଗଡ଼ର ବି.ଜେ.ପି. ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଦୁଇଦିନିଆ ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୬୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି ।

***Desk***

## ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଆଜି ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଏହା ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରେ ତାମିଲନାଡୁ, ପଣ୍ଡିଚେରୀ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଆଡକୁ ଅଗ୍ରସର ହେବା ସହ ଅଧିକ ଘନୀଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ

କରାଯାଇଛି। ଏହାର ପ୍ରଭାବରେ ଆସନ୍ତା ୨୬ ତାରିଖ ରବିବାର ପର୍ଯ୍ୟନ୍ତ ରାଜ୍ୟରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ  ଅନୁମାନ କରାଯାଇଛି। ପରେ ବଙ୍ଗୋପସାଗରରେ ଆଉ ଦୁଇଟି ଲଘୁଚାପ କ୍ଷେତ୍ର ୨୬ ଓ ୨୯ ତାରିଖରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଯାଇଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ସମ୍ଭାବ୍ୟ ଲଘୁଚାପ ଏବଂ ଅବପାତକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟ ସରକାର ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି। ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି ।

***BBSR/R***

# ସମ୍ଭାବ୍ୟ ବର୍ଷା - କୃଷି ସୂଚନା

ସମ୍ଭାବ୍ୟ ବର୍ଷା ଏବଂ ଏହାର ମୁକାବିଲା ନିମନ୍ତେ କୃଷି ବିଭାଗର ପ୍ରସ୍ତୁତି ବୈଠକ ଭୁବନେଶ୍ୱରଠାରେ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦକ୍ଷିଣ-ପଶ୍ଚିମ ମୌସୁମୀର ପ୍ରତ୍ୟାବର୍ତ୍ତନ କାରଣରୁ ସାମୟିକ ଭାବେ ରାଜ୍ୟର କେତେକ

ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବାର ସମ୍ଭାବନା ରହିଛି । ତଦନୁଯାୟୀ ପାଣିପାଗ ବିଭାଗର ସତର୍କ ସୂଚନାକୁ ଚାଷୀମାନେ ଅନୁପାଳନ କରିବାପାଇଁ ଶ୍ରୀ ପାଢ଼ୀ ପରାମର୍ଶ ଦେଇଛନ୍ତି । ଚଳିତ ଖରିପ୍ ଋତୁରେ ରାଜ୍ୟରେ ଶତ ପ୍ରତିଶତ ବର୍ଷା ହୋଇଛି । ଚାଷୀ ଭାଇଭଉଣୀମାନେ କୌଣସି ବିଭ୍ରାନ୍ତିକର ତଥ୍ୟକୁ ନେଇ ଭୟଭୀତ ନ ହେବାକୁ ବିଭାଗ ପକ୍ଷରୁ କୁହାଯାଇଛି । ଆବଶ୍ୟକସ୍ଥଳେ ଚାଷୀମାନେ ୧୫୫୩୩୩ ନିଃଶୁଳ୍କ ନମ୍ବରକୁ ଫୋନ୍ କରି କିମ୍ବା ନିକଟସ୍ଥ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର କିମ୍ବା କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ ।

******